**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ଅନ୍ତର୍ନିବେଶ**

| ଓଡ଼ିଆ |
|---|
| ଅନ୍ତର୍ନିବେଶୀ ଶିକ୍ଷା ଆମର ସରକାରୀ ନୀତି। ଆମ ସ୍କୁଲରେ, ଆମେ କୌଣସି ଭେଦଭାବ ନ ରଖି ପିଲାମାନଙ୍କ ନାମ ଲେଖାଇଥାଉ। |
| ଏପରିକି ନାମ ଲେଖାଇବା ସମୟରେ ମଧ୍ୟ ଆମେ କୌଣସି ପରୀକ୍ଷା କରିନଥାଉ। ଯଦି କେହି ୮ମ ଶ୍ରେଣୀ ପାସ୍ କରିଛି, ଏବଂ ଆମ ସ୍କୁଲରେ ନାମ ଲେଖାଇବାକୁ ଚାହେଁ , ଆମେ ଜାତି, ବର୍ଣ୍ଣ ନିର୍ବିଶେଷରେ ତାର ନାମ ଲେଖାଇଥାଉ। |
| ଶାରୀରିକ ଭିନ୍ନକ୍ଷମ ଶିଶୁମାନଙ୍କୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଥାଏ। ସୁଶୀଲ ହେଉଛି ଆମ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ର, ଯେ କି ଜୁଲାଇରେ ନାମ ଲେଖାଇ ଥିଲା। |
| ତା'ର ଚିନ୍ତାଧାରା ଖୁବ୍ ସ୍ୱଚ୍ଛ। ସେ ଯେ କୌଣସି ବିଷୟବସ୍ତୁ ବା କୌଣସି ବୟସ ବା ଶ୍ରେଣୀଭିତ୍ତିକ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବାକୁ ସକ୍ଷମ। |
| ସେ ଅନ୍ୟମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିବାକୁ ସକ୍ଷମ। ଆପଣ ଦେଖୁଛନ୍ତି ତା'ର ଦୁଇଟି ଯାକ ହାତ ନାହିଁ। ସେ ପାଦରେ ଲେଖେ। |
| ସେ ପାଦରେ ସନ୍ତୁଳନ ରକ୍ଷା କରି ଲେଖିପାରେ। ସେ ଚଟାଣରେ ବସି ଲେଖେ। |
| ବ୍ୟକ୍ତିଗତ ଭାବେ ମୁଁ ଅନୁଭବ କରେ ଯେ ଏହି ପିଲା ଭଲ କରିପାରିବ ଏବଂ ଆମର ଦାୟିତ୍ୱ ହେଉଛି ତାକୁ ଉପଯୁକ୍ତ ପରିବେଶ ଯୋଗାଇଦେବା। |
| ଆମର ଦାୟିତ୍ୱ ହେଉଛି ତାକୁ ଶିକ୍ଷା ପାଇଁ ପରିବେଶ ଯୋଗାଇ ଦେବା ଓ ସେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଏ ଏହା ସୁନିଶ୍ଚିତ କରିବା। |